# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th June – 2026**

*************************************

## ମୁଖ୍ୟ ସମ୍ବାଦ

- ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ।

- କାର୍ଯ୍ୟରେ ଅବହେଳା ପାଇଁ ୧୨୮ ଜଣ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ।

- ସହରାଞ୍ଚଳରେ ପି.ଏନ୍.ଜି. ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ।

ଏବଂ

- ଶୀତଳଷଷ୍ଠୀ ଯାତ୍ରାରେ ଆଜି ସମ୍ପନ୍ନ ହେବ ଦେବଦମ୍ପତିଙ୍କ ବିବାହୋତ୍ସବ ।

***Desk***

# ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗସ୍ତ

କରିବା ସହ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ–ଏମ୍ସ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ହିତାଧିକାରୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିବେ।

ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଉଦ୍‌ଘାଟନ କରିବେ।

ଶନିବାର ଦିନ ରାଷ୍ଟ୍ରପତି ପାହାଡ଼ପୁର ଗସ୍ତ କରିବା ସହିତ ଗୋସାଣୀ ପୀଠ, ସାନ୍ତାଳି ଜାହେରା ଏବଂ ହୋ ଜାହେରାରେ ପ୍ରାର୍ଥନା କରିବେ। ରାଷ୍ଟ୍ରପତି ଏକ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀମାନଙ୍କ ସହ ଆଲୋଚନା କରିବେ। ସେହିପରି ଏସ୍.ଏଲ୍.ଏସ୍. ଟ୍ରଷ୍ଟଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ରାଷ୍ଟ୍ରପତି ସମୀକ୍ଷା କରିବେ। ପରଦିନ ରାଷ୍ଟ୍ରପତି’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମିଳିତ ଭାବେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

# ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା–ପି.ଏମ୍–ଭି.ବି.ଆର୍.ୱାଇ. ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ଗତ ବର୍ଷ ଅଗଷ୍ଟ ମାସ ପହିଲାରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ସମୁଦାୟ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

***BBSR/R***

# ସ୍ୱାସ୍ଥ୍ୟବିଭାଗ - ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ ବିଭିନ୍ନ ଡାକ୍ତରଖାନାରେ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ୧୨୮ ଜଣ ମେଡିକାଲ୍ ଅଫିସରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କନ୍ଧମାଳ ପୁଲିସ୍ ହସ୍ପିଟାଲ୍‌ର ପୂର୍ବତନ ମେଡିକାଲ୍ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ କାର୍ଯ୍ୟରେ ଅନୁପସ୍ଥିତ ରହିବା ସହ ନିର୍ଦ୍ଦେଶ ଅନୁପାଳନ କରି ନ ଥିଲେ । ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ନୂତନ ଡାକ୍ତରଖାନା ଖୋଲିବା ସହିତ ଏହାର ଆଧୁନିକୀକରଣ କରୁଛନ୍ତି । ନିଯୁକ୍ତି ପାଇବା ପରେ କାର୍ଯ୍ୟରେ ଅନୁପସ୍ଥିତ ରହିବା ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ମୋବାଇଲ୍ ଟାୱାର

ରାଜ୍ୟର ୨୪ଟି ଜିଲ୍ଲାର ୭୦୭ଟି ଦୁର୍ଗମ ଅଞ୍ଚଳରେ 4G ମୋବାଇଲ୍ ଟାୱାର ସ୍ଥାପନ ନିମନ୍ତେ ଜମି ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡିଜିଟାଲ୍ ଭାରତ ନିଧି ଯୋଜନା ଅଧୀନରେ ଦୁର୍ଗମ ଅଞ୍ଚଳରେ ଡିଜିଟାଲ୍ ସଂଯୋଗକୁ ସୁଦୃଢ଼ କରିବାପାଇଁ ବି.ଏସ୍.ଏନ୍.ଏଲ୍.କୁ ୨ ହଜାର ବର୍ଗଫୁଟ ଜମି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ୨୯୪ଟି ସ୍ଥାନରେ ଟାୱାର୍ ସ୍ଥାପନ ପାଇଁ ଅନୁମତି ମିଳିସାରିଥିବା ଜଣାପଡ଼ିଛି ।

*Desk*

# ପି.ଏନ୍.ଜି. ସଂଯୋଗ

ସହରାଞ୍ଚଳ ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ଅଧୀନରେ ପାଇପ୍ ଯୋଗେ ଗ୍ୟାସ୍ ସଂଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ପୌର କମିଶନର ଓ ସାଧାରଣ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ଘରୋଇ ପି.ଏନ୍.ଜି. ସଂଯୋଗ ବ୍ୟବସ୍ଥା ଉପଲବ୍ଧ ଥିବା ଅଞ୍ଚଳରେ ଉପଭୋକ୍ତାଙ୍କୁ ଏଲ୍.ପି.ଜି. ବଦଳରେ ପି.ଏନ୍.ଜି. ବ୍ୟବହାର ଲାଗି ସୁବିଧା ଯୋଗାଇ ଦିଆଯିବ । ଓଡ଼ିଶା ସହରାଞ୍ଚଳ ଗ୍ୟାସ୍ ବିତରଣ ନୀତି-୨୦୨୬କୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି ।

*Desk*

# ଶୀତଳଷଷ୍ଠୀ

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଉତ୍ସବମୁଖର ହୋଇଉଠିଛି। ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତୁତି ଜାରି ରହିଛି। ଦେବୀ ପାର୍ବତୀ ଆଜି କନ୍ୟାଳୟକୁ ଆଗମନ କରିଛନ୍ତି। ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ :....

ପରମ୍ପରା ଓ ସଂସ୍କୃତିର ଅନନ୍ୟ ସମ୍ମିଶ୍ରଣ ଶୀଷଲଷଷ୍ଠୀ ପାଇଁ ସମ୍ବଲପୁର ସହରର କୋଣ ଅନୁକୋଣ ମୁଖରିତ ହୋଇଉଠିଛି । ଗତବର୍ଷର କନ୍ୟା ପିତାମାତାଙ୍କ ଗଇଁଣ୍ଠାଳ ଫିଟା ପରେ ଚଳିତ ବର୍ଷ କନ୍ୟା ପିତାମାତା ମନ୍ଦିର ଯାଇ ଦେବୀ ପାର୍ବତୀଙ୍କୁ ଘରକୁ ଆଣିଛନ୍ତି। ନନ୍ଦପଡ଼ାର ବମ୍‌ବରାଡ଼ ବାବା ବାଲୁଙ୍କେଶ୍ୱର, ମୋଦିପଡ଼ାର ଜାଗେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା, ବୁଢ଼ାରାଜାର ପାହାଡ଼େଶ୍ୱର ବାବାଙ୍କ ସମେତ ସବୁଠି ପ୍ରସ୍ତୁତି ଶେଷ ହୋଇଛି। ରାତ୍ରି ଶୁଭଲଗ୍ନରେ ବରାନୁଗମନ ଓ ବିବାହ ସମ୍ପନ୍ନ ହେବ।

ଶୀତଳଷଷ୍ଠୀ କେବଳ ଏକ ପର୍ବ ନୁହେଁ; ବରଂ ଓଡ଼ିଆ ସଂସ୍କୃତିର ଅନନ୍ୟ ପରିଚୟ। ଶୀତଳଷଷ୍ଠୀରେ ‘ଥାଳ ଉଠା’, ‘ପତର ପେଣ୍ଡି’, ‘ଗୁଆ ଗୁଣା’, ‘ବେଦ ନିମନ୍ତ୍ରଣ’, ‘ଦେବ ବିବାହ’ ଏବଂ ‘ନଗର ପରିକ୍ରମା’ ଭଳି ପାରମ୍ପରିକ ନୀତିକାନ୍ତି ଏହି ପର୍ବକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।**

***Bhadrak/R***

# ଶିବବିବାହ

ଭଦ୍ରକ ଜିଲ୍ଲା ଆରଡ଼ି ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠାରେ ହରଗୌରୀଙ୍କ ବିବାହପାଇଁ ମଙ୍ଗଳକୃତ୍ୟ ଓ ହଳଦୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାକାଲି ହରଗୌରୀଙ୍କ ବିବାହପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ

ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

***HS***

# ତ୍ରୁଟି ପାଠ୍ୟପୁସ୍ତକ

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ଶିକ୍ଷକମାନେ ସଂଶୋଧନ କରି ଶ୍ରେଣୀଗୃହରେ ଶିକ୍ଷାଦାନ କରିବେ ବୋଲି ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ - ଏସ୍.ସି.ଇ.ଆର୍.ଟି. ନିର୍ଦ୍ଦେଶିକା ମଧୁସ୍ମିତା ସାହୁ କହିଛନ୍ତି ।  ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବାରୁ ଚଳିତ ବର୍ଷ ନୂଆ ବହି ପ୍ରକାଶିତ ହେବ ନାହିଁ । ଶିକ୍ଷକମାନେ ପାଠ୍ୟପୁସ୍ତକରେ ସଂଶୋଧନ କରି ଶିକ୍ଷାଦାନ କରିବେ । ଆସନ୍ତାବର୍ଷ ସଂଶୋଧିତ ପୁସ୍ତକ ଛପାଯାଇ ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଯାଇଥିବା ନିର୍ଦ୍ଦେଶିକା କହିଛନ୍ତି । ଛୋଟ ପିଲାଙ୍କ ବହିରେ ଶିକ୍ଷକମାନେ ତ୍ରୁଟି ସଂଶୋଧନ କରିବେ ଓ ବଡ଼ ପିଲାଙ୍କ କ୍ଷେତ୍ରରେ ଶିକ୍ଷକମାନଙ୍କ ସହାୟତାରେ ଛାତ୍ରଛାତ୍ରୀମାନେ ନିଜେ ତ୍ରୁଟି ସଂଶୋଧନ କରିବେ । ତେବେ ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ ତଦନ୍ତ ଆରମ୍ଭ କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଶ୍ରୀ ସିଂହ ତଦନ୍ତ ରିପୋର୍ଟ ଦାଖଲ କରିବେ ।

*Desk*

# ବିଦ୍ୟାଳୟ - ଗ୍ରୀଷ୍ମଛୁଟି

ରାଜ୍ୟରେ ଗ୍ରୀଷ୍ମ ଛୁଟି ପରେ ଆଜିଠାରୁ ୨୨ଟି ଜିଲ୍ଲାରେ ବିଦ୍ୟାଳୟ ଖୋଲିଛି । ତେବେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲାରେ ଖରାଛୁଟି ଅବଧିକୁ ଶନିବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଖରାଛୁଟି ଅବଧିକୁ ସାମୟିକ ଭାବେ ବୃଦ୍ଧି କରାଯାଇଛି । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବନ୍ଦ ରଖାଯିବା ନେଇ କେତେକ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ୍ କରିବା ଲାଗି ନିଷ୍ପତ୍ତି ହୋଇଛି । ଜିଲ୍ଲାର ଶିଶୁବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ସକାଳ ୬ଟା ୩୦ ମିନିଟ୍‌ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ଆସନ୍ତା ୨୨ ତାରିଖ ଦିନ ବିଦ୍ୟାଳୟଗୁଡ଼ିକ ଖୋଲିବ ବୋଲି ଜଣାପଡ଼ିଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟ୍‌ର ଭାଲୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ଶିକ୍ଷକମାନଙ୍କ ସହ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

*Kendrapara/R*

## ଉଚ୍ଚଶିକ୍ଷା ମନ୍ତ୍ରୀ ଗସ୍ତ

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ସୂରଜ’ ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସୂଚନା ଦେଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା’ ଶିକ୍ଷା, କ୍ରୀଡ଼ା, ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ପରିବହନ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଅଗ୍ରଗତି କରିଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ।

*Nabarangpur, Malkangiri/R*

## ନୀଟ୍ - ପ୍ରସ୍ତୁତି

ଦେଶରେ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନୀଟ୍ ପୁନଃ ପରୀକ୍ଷା ପାଇଁ ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଜିଲ୍ଲାରେ ୨ଟି ଶିକ୍ଷାନୁଷ୍ଠାନକୁ ନୀଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ମିଳିଛି । ପରୀକ୍ଷା କେନ୍ଦ୍ର ମଧ୍ୟରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ

ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ବୈଠକରୁ ଜଣାପଡ଼ିଛି ।

ମାଲକାନଗିରି ଜିଲ୍ଲାରେ ମଧ୍ୟ ନୀଟ୍ ପରୀକ୍ଷା ନିମନ୍ତେ ସ୍ୱତନ୍ତ୍ର ବୈଠକରେ ପରୀକ୍ଷା ଦିନ ମାଲକାନଗିରି ବସ୍‌ଷ୍ଟାଣ୍ଡ୍‌ରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି ।

***Cuttack, Nayagarh(2), Dhenkanal, Ganjam, Gajapati, Baragarh(2)/R***

## ଏଥର କିଛି ସମ୍ବାଦ ସଂକ୍ଷେପରେ...

- କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଦରଘାବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ସମ୍ପର୍କରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି ।
- ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ପୁରୁଣା ସହରରେ ହେଉଥିବା ରଥଯାତ୍ରାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ । ରଥଯାତ୍ରା ସମୟରେ ଟ୍ରାଫିକ୍ ବ୍ୟବସ୍ଥା ଏବଂ ଶାନ୍ତିଶୃଙ୍ଖଳା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।
- ଢେଙ୍କାନାଳ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ସୁପରିଚାଳନା ନେଇ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବୈଠକ ହୋଇଯାଇଛି ।
- ଗଞ୍ଜାମ, ଗଜପତି ଓ ବରଗଡ଼ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ମାଧ୍ୟମରେ ଅଭ୍ୟାସ ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଯାଇଛି ।

- ବରଗଡ଼ ଜିଲ୍ଲାରେ ଜୈବିକ ଓ ପ୍ରାକୃତିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।
- ନୟାଗଡ଼ ଜିଲ୍ଲାରେ ଆଗାମୀ ଆନ୍ତର୍ଜାତିକ ଯୋଗଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି ।

***Met. O.***

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୨୮ଟି ଜିଲ୍ଲାକୁ ସତର୍କ କରାଯାଇଛି ।

******